# ପୁଣି ଭାଇରାଲ ହେଲା ମନ୍ଦିର ଭିତର ଫଟୋ

**ପୁରୀ,୮।୧୧/ଏନ୍‌ଏନ୍‌ଏସ୍:**





ଗୁଜୁରାଟର ହିତେଶ ସୋନାନୀ ନାମକ ଜଣେ ପର୍ଯ୍ୟଟକ ନିଜ ସୋସିଆଲ ପେଜରେ ଶ୍ରୀମନ୍ଦିର ଭିତରର ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଫଟୋ ଅପଲୋଡ଼ କରିଛନ୍ତି। ଶ୍ରୀମନ୍ଦିର ଭିତରେ ଥିବା ରୋଷଘର, କୋଇଲି ବୈକୁଣ୍ଠରେ ନବକଳେବର ସମୟରେ ମହାପ୍ରଭୁଙ୍କ ଦାରୁବିଗ୍ରହ ପୋତାଯାଇଥିବା ସ୍ଥାନର ଗୁରୁତ୍ୱପୂର୍ଣ୍ଣ ଫଟୋକୁ ମିଶାଇ ୨୧ଟି ଫଟୋ ସଂପୃକ୍ତ ପର୍ଯ୍ୟଟକ ଉଠାଇଥିବା ଜଣାଯାଇଛି। ଏହି ଫଟୋଗୁଡ଼ିକରୁ ଯାହା ଜଣାଯାଉଛି ଗୋଟିଏ ଦଳ ଇସ୍କନ ଭକ୍ତ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ, ସେହିମାନେ ବସିଥିବା ଏବଂ ବୁଲୁଥିବା ଅବସ୍ଥାରେ ଏହିସବୁ ଫଟୋଗୁଡ଼ିକ ଉତ୍ତୋଳନ କରାଯାଇଛି। ବାରମ୍ବାର ଏହିଭଳି ଫଟୋ ଭାଇରାଲ ଘଟଣା ସେବାୟତ ଓ ଭକ୍ତ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହି ଘଟଣା ଜଣାପଡ଼ିବା ପରେ ମଧ୍ୟ ପୁଲିସ୍ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଚାରିଦିନ ତଳେ ବେଙ୍ଗାଲୁରୁର ମେଘା ଲୁଥ୍ରା ନାମକ ଜଣେ ମହିଳା ପର୍ଯ୍ୟଟକ ତାଙ୍କ ଫେସବୁକ୍‌ରେ ଶ୍ରୀମନ୍ଦିରର ଆଭ୍ୟନ୍ତରୀଣ ଫଟୋ ଅପଲୋଡ଼ କରିଥିଲେ। ଏ ସଂକ୍ରାନ୍ତରେ ସିଂହଦ୍ୱାର ଥାନା ପୁଲିସ ତଦନ୍ତ କରାଯାଉଛି ବୋଲି କହିଥିଲା। କୌଣସି ତଦନ୍ତ କରାଯାଇ ନ ଥିବା ଜଣାଯାଇଛି। ଏବେ ପୁଣି ଗୁରୁତ୍ୱପୂର୍ଣ୍ଣ ଫଟୋ ଅପଲୋଡ୍ କରାଯାଇଛି। ପୁଲିସ୍ ପକ୍ଷରୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ମନ୍ଦିର ଭିତରକୁ ପର୍ଯ୍ୟଟକମାନେ ନିଷେଧ ସତ୍ତ୍ୱେ ଆଣ୍ଡ୍ରଏଡ ମୋବାଇଲ ନେଇ ଯାତାୟାତ କରୁଛନ୍ତି। ଯେଉଁମାନେ ଏହିଭଳି କାର୍ଯ୍ୟ କରୁଛନ୍ତି ପରବର୍ତ୍ତୀ ସମୟରେ କ୍ଷମା ପ୍ରାର୍ଥନା କରି ଦେବାରେ ପୁଲିସ୍ ସେମାନଙ୍କୁ ଛାଡ଼ି ଦେଉଛି। ଫଳରେ ବାରମ୍ବାର ଏହିଭଳି ଫଟୋଚିତ୍ର ଭାଇରାଲ ହେଉଛି। ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସୂଚନାଯୋଗ୍ୟ ଯେ ଗତବର୍ଷ ଏଏସଆଇର ଜନୈକ ଅଧିକାରୀ ଗର୍ଭଗୃହ ଭିତରେ ଫଟୋଚିତ୍ର ଉତ୍ତୋଳନ କରି ଭାଇରାଲ କରିଥିଲେ। ପରବର୍ତ୍ତୀ ସମୟରେ ସେ କ୍ଷମାପ୍ରାର୍ଥନା କରିବାରୁ ପୁଲିସ୍ ତାଙ୍କୁ ଗିରଫ କରି ନ ଥିଲା। ଶ୍ରୀମନ୍ଦିର ଭିତରକୁ କିଛିଦିନ ତଳେ ସମୁଦ୍ରକୂଳ ଥାନାର ଜଣେ ଏଏସଆଇ ଯାଇ ମହାଳୟ ଶ୍ରାଦ୍ଧ କରୁଥିବା ବେଳେ ମୋବାଇଲରେ ନିଜର ଫଟୋଚିତ୍ର ଭାଇରାଲ କରିଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ ସମୟରେ ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶର ଯାତ୍ରୀମାନେ ମଧ୍ୟ ଫଟୋଚିତ୍ର ଉତ୍ତୋଳନ କରିଛନ୍ତି। ଶ୍ରୀମନ୍ଦିର ଚାରିଦ୍ୱାରରେ ପୁଲିସ୍ ମୁତୟନ ଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିର ପୋଲିସ୍ ମଧ୍ୟ ମୁତୟନ ରହିଛନ୍ତି। ମେଟାଲ ଡିଟେକ୍ଟର ରହିଛି। ଯାତ୍ରୀମାନଙ୍କୁ ତନ୍ନ ତନ୍ନ କରି ଯାଞ୍ଚ କରାଯାଇ ଭିତରକୁ ଛଡ଼ା ଯାଉଛି। ଏସବୁ ସତ୍ତ୍ୱେ ବାରମ୍ବାର ମନ୍ଦିର ଭିତରର ଫଟୋ ଭାଇରାଲ ହେବା ଜଗନ୍ନାଥପ୍ରେମୀମାନଙ୍କୁ କ୍ଷୁବ୍ଧ କରିଛି।

ନିତିଦିନ NITIDIN Fri, Nov 9, 2018
http://odishanewsnitidin.com